
# ତତ୍ତ୍ୱମସି

ଜ୍ୟୋତ୍ସ୍ନାମୟୀ ମିଶ୍ର



ତତ୍ତ୍ୱମସି
(କବିତା ସଂକଳନ)

TATWAMASI
[You are I am]
An anthology
of Poems in Oriya


ଲେଖିକା :
ଜ୍ୟୋତ୍ସ୍ନାମୟୀ ମିଶ୍ର

Author :
Jyotsnamayee Mishra

ପ୍ରକାଶିକା :
ଶ୍ରୀମତୀ ଉମାରାଣୀ ମିଶ୍ର

Publisher :
Smt. Umarani Mishra

ମୁଖ୍ୟ ପରିବେଷକ :
ତାରତାରିଣୀ ପୁସ୍ତକାଳୟ,
ପୁରୁଣା ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର-୧

Sold Distributor :
Taratarini Pustakalaya
Old Bus Stand, Berhampu

ପ୍ରଥମ ପ୍ରକାଶ :
ଜୁନ୍-୧୯୯୫

First Publication :
June-1995

ମୁଦ୍ରଣ :
ଅନ୍ନପୂର୍ଣ୍ଣା ପ୍ରିଣ୍ଟର୍ସ
ଗୋସାଣିନୂଆଗାଁ, ବ୍ରହ୍ମପୁର-୩

Printer :
Annapurna Printers
Gosaninuagam,
Berhampur-3

ମୂଲ୍ୟ :
ପଚାଶ ଟଙ୍କା

Price :
Rupees Fifty

—ସବୁ ଜନ୍ମରେ ମୁଁ ଯାହାଙ୍କୁ ଖୋଜିଛି···
—ଯାହାପାଇଁ ମୁଁ ବାରବାର
ଜନ୍ମନେବାପାଇଁ ପ୍ରତିଶ୍ରୁତି ଦେଇଛି...
—ମୁହୂର୍ତ୍ତକୁ ମୁହୂର୍ତ୍ତ ଯାହାଙ୍କୁ ମୁଁ ଏଠାରେ
ପ୍ରତୀକ୍ଷା କରୁଛି......
ସେଇ ମୋର ପରମ ପ୍ରେମାସ୍ପଦଙ୍କୁ......!

—କ୍ରୀଷ୍ଣା
୨୮।୭।୯୫

# ସୂଚୀ


୧। ଅନ୍ୱେଷଣ ୧
୨। ପ୍ରତୀକ୍ଷିତା ୪
୩। ତୋ' ପାଇଁ ପଦେ ୬
୪। ଅନୁଶୀଳନ ୮
୫। ଅମରପକ୍ଷୀ ୧୦
୬। କୁମାରୀର ଭିକ୍ଷା ୧୫
୭। ଯିଏ ଥିଲା ଦିନେ ୧୮
୮। ବୋଉ ୨୦
୯। ତୁମେ ଆସିବା ପରେ ୨୧
୧୦। ମନର ମଣିଷ ୨୫
୧୧। ଜୀବନର ଗୀତି ୩୦
୧୨। ୟାକାଗେଲି ୩୨
୧୩। ନ ଜାୟତେ ମ୍ରିୟତେ ୩୫
୧୪। କିଏ ସିଏ ? ୩୮
୧୫। ତୁମେ ୪୦
୧୬। ଈଶ୍ୱର ୧୬
୧୭। ଅଜ୍ଞାତବାସ ୪୫
୧୮। ଅଭିଳାଷ ୪୮

୧୯। ନିଃସ୍ୱ ମୁଁ ୪୨
୨୦। ସତ୍ୟମ୍ ୪୬
୨୧। ଅଭୀପ୍ସା ୪୯
୨୨। ଓଁ ୬୧
୨୩। ପରମଙ୍କୁ ପତ୍ର ୬୩
୨୪। ତପସ୍ୟା ୭୧
୨୫। ବିଶ୍ୱାସ ୭୩
୨୬। ସା-ସା–ଦିଶି ଦିଶି ୭୫
୨୭। ଉତ୍ସର୍ଗ ୭୮
୨୮। ପ୍ରେମ ୭୯
୨୯। କଲ୍ୟାଣୀ ୮୮
୩୦। ତତ୍ତ୍ୱମସି ୯୧
୩୧। ପରିଚୟ ୯୬

❋ ❋ ❋

# ଅନ୍ୱେଷଣ

ଏ ସକଳଦୃଶ୍ୟକୁ
ଦେଖିବା ଶକ୍ତି ମୋର ହରାଇ ଦେଲିଣି,
କେଉଁ ଅପାର୍ଥିବ ଜଗତ ମୋତେ ସର୍ବଦା
ହାତଠାରି ଡ଼ାକୁଛି କାହିଁକି କେଜାଣି ?
ଆସନ୍ତା ଜୀବନ ପାଇଁ
କିଛି ସଂଘଟନା–
ହୁଏତ ଅଛି-ଏହିକ୍ଷଣି······।

ଜଗତ ଜର୍ମିଲବେଳେ ଅଜ୍ଞାନ ମଣିଷ
ସବୁ ମୋହ, ମାୟା, ଦୁଃଖ, ସୁଖ, ଆନନ୍ଦ ଜଡ଼ିତ–
ତାମସ, ଜରା, ବ୍ୟାଧିରେ ହୋଇ କବଳିତ,
ଏ ରହସ୍ୟମୟ ସୃଷ୍ଟିର ସର୍ଜନା
କେବେ ଓ କାହିଁକି ?
ତାର ସ୍ରଷ୍ଟା ପୁଣି କିଏ ?
ଏଇ ନିଗୂଢ଼ ଅମୂଲ୍ୟ ଅନ୍ୱେଷଣ ଏବଂ
ସେଇ ଅପାର୍ଥିବ ସଂଯୋଗକୁ ଠେଲି–
ସଂସାରଟା ଏଭିତରେ
କେତେ କ'ଣ ହୁଏ ! ହାୟ !
କେତେ କ'ଣ ହୁଏ······।

ଗତାୟୁତ ବହୁଜନ୍ମ ଅତିକ୍ରମି ଶେଷେ
ପହଞ୍ଚିଛି ଏ ଅଜଣା ମରୁଦ୍ୟାନ ପାଶେ,
ନାହିଁ ମୋର ଘରଦ୍ୱାର,

ନାହାଁନ୍ତି ଆତ୍ମୀୟ ଅବା
ସ୍ୱାମୀ, ପୁତ୍ର, ପରିବାର
ଏଠି 'ଶୂନ୍ୟ' ମୋର ପରିଚୟ–
'ମହାଶୂନ୍ୟ' ମୋ ଆଶ୍ରୟ,
ଜାଣିଛି ଏକାନ୍ତେ କେବଳ
'ପରମାତ୍ମା' ମୋ ଆତ୍ମୀୟ..... ।

ଏବେ ସବୁ ଭାବୁଛି, ଦେଖୁଛି
ଏବଂ ତା' ମଧ୍ୟେ ପ୍ରଶ୍ନିଳ ମନ ମୋ
ଏକାକୀ କାହାକୁ ଖୋଜୁଛି ?
ନିଜକୁ ନିଜେ ପଚାରୁଛି, ବିଳପି କହୁଛି–
'ଜୀବନ' ବନ୍ଦୀ ହେଲେ 'ଆତ୍ମା'. ବନ୍ଦୀ ନୁହେଁ,
ଆତ୍ମାପକ୍ଷୀ ଆଜି ସଂପୂର୍ଣ୍ଣ ମୁକ୍ତ ମୋର,
ଶତବାଧା, ଶତ ବାଡବନ୍ଧ
ତା' ପାଇଁ ରଚିପାରେନା ରୁଦ୍ଧ କାରାଗାର......।

ଯଦି ଘଟିବାକୁ କିଛି ଅଛି ଆଜି
ଅବଶ୍ୟ ଘଟିଯାଉ,
ସାଗର ଶୁଖିବ ଯଦି ଆକାଶ ଖସିବ ଯଦି
ଯାହା ଇଚ୍ଛା ହେଉ,
ତଥାପି ସଂକଳ୍ପିତ ମନ ମୋ
ସଂକଳ୍ପରୁ କେବେ ନିବୃତ୍ତ ନହେବ ।

ତେବେ, ଏଠାରେ ଅହର୍ନିଶି
ଏ ଆତ୍ମା ଖୋଜୁଥାଏ କାହାକୁ
ଅଶ୍ରୁସ୍ନାତ ହୋଇ ?
ସର୍ବଦା ଦିଗ୍ ବିଦିଗ୍‌ରୁ ଶୁଣେ
କାହା ବଂଶୀ ସ୍ୱନ ?
ପାଗଳୀ ସ୍ୱୟଂ ସାଜି ଖୋଜେ

କାହାର ମିଳନ ?
ପୁଣି କାହାସହ ଯୁକ୍ତ ହେବା ପାଇଁ
ପ୍ରାଣପକ୍ଷୀ ଉଡ଼ିଯାଏ ଦୂର ଦିଗ୍ ବଳୟେ ?
ପୁନଶ୍ଚ ଫେରି ଦେଖେ–
ଏ ଅମୃତ ଅନ୍ବେଷଣ ଭୁଲି
ସଂସାରଟା ଏଠାରେ
କେତେ କ'ଣ ହୁଏ, ହାୟ !
କେତେ କ'ଣ ହୁଏ......।

କେତେ ସ୍ୱପ୍ନ, କେତେ ଧ୍ୟାନ ସାଇତି
ରଖିଛି ମୋ ପବିତ୍ର ଜୀବନ ବେଦୀରେ,
ଚାହିଁ ଦେଖ ଥରେ,
ମୁଁ ତୁମର ସେହି "ଜ୍ୟୋତ୍ସ୍ନାମୟୀ"
ସର୍ବାଙ୍ଗୀନ ସମର୍ପିତା,
ଯୋଡହସ୍ତେ ଆବିର୍ଭୂତା,
ସ୍ୱୟଂ ତୁମ ସମ୍ମୁଖରେ ।
ସର୍ବଶେଷେ ଯେତେବେଳେ ଏ ଆତ୍ମାକୁ
ମୁକୁଳା କରିଛି, କି ଅଭିପ୍ରାୟେ ତୁମେ ରୁହ
ଦୂର ଦୂରନ୍ତରେ ଏବଂ କେଉଁ ଆକାଂକ୍ଷାରେ (?)
ଆଉ କ'ଣ କିଛି–ଅର୍ଥ ଅଛି,
ତୁମର ଏ ମାୟା ସଂକୋଚରେ
ଅବା ନୀରବ ଛନ୍ଦରେ ......(?)

❊ ❊ ❊

# ପ୍ରତୀକ୍ଷିତା

[ କିଏ ସିଏ ? ଯାହାଙ୍କରି ସମସ୍ତ ଜୀବନ
ପ୍ରତୀକ୍ଷାର ଏକ ମୂରଧ୍ନୀ......
ଯାହା ମୂର୍ଚ୍ଛିତ ମାଟିରୁ
ଆକାଶ ପର୍ଯ୍ୟନ୍ତ...
ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ...ଜୀବନରୁ
ମହାଜୀବନ ପର୍ଯ୍ୟନ୍ତ...ସିଏ
ପ୍ରକାଶ ଓ ଅପ୍ରକାଶ,
ଆଲୋକ ଓ ଅନ୍ଧାର,
ମୃତ୍ୟୁ ଓ ଅମୃତତ୍ୱ ମଧ୍ୟରେ ସମାନ ଭାବରେ
ବସବନ୍ତ...ଆତ୍ମାର ସେହି ଅପରୂପ
ଅନୁପମ ଏକକ ନାୟକର ପ୍ରତୀକ୍ଷାରେ
ଜୀବନର ପ୍ରତିଟି ମୁହୂର୍ତ୍ତ
ଉଚ୍ଛଳିତ, ଆହ୍ଲାଦିତ, ପ୍ରମୁକ୍ତ, ପ୍ରସାରିତ ।
ଉତ୍ସର୍ଗିତ ପ୍ରେମ ତାର
ପ୍ରଶାନ୍ତ ଅନ୍ୱେଷାରେ......
ଅପେକ୍ଷାରେ ନୀରବ କ୍ଷଣରେ......। ]

ପ୍ରଣିପାତ କରୁଛି ମୁଁ
ଧିରେ ବାରବାର,
ଜୀବନର ପ୍ରତିଦିନ ପ୍ରତିଘଡ଼ି ମୋର
ତୁମକୁ ଛାଡ଼ିନି କେଉଁଠି......
ଅଥଚ ତୁମକୁ ପାଏନାହିଁ ଏଠି
ପରସ୍ପର ବିରୋଧି ଏ ମାର୍ଗ ମିଳନର
ନିରନ୍ତର, ପଦାୟର, ହସର ଲୁହର ।

ତୁମକୁ ଦେଖିବି ବୋଲି
ଆସେ କେତେ ନୀରବରେ,
ଆଖିଲୁହ ବୋହି ଶୁଖେ
ଆଖିରେ ଆଖିରେ,
ବିଲ,ବନ, ଆକାଶକୁ ସବୁକଥା କହେ
ସେମାନେ ବି ନିରୁତ୍ତର······
ସେସବୁକୁ ସହେ:
ତଥାପି ମୁଁ ହାରିଯାଏ ନାହିଁ···
ପ୍ରତ୍ୟେକ ମୁହୂର୍ତ୍ତ ମୋର
ତୁମକୁ ପ୍ରତୀକ୍ଷା କରେ,
ସର୍ବଦା ରତଥାଏ ମୋ
ପ୍ରେମ ସାଧନାରେ··· ।

ଏଠାରେ ବିବାଗତି
ମୋର ସରିଯାଏ ତୁମକୁ
ମୁଁ ଝୁରି,
ଯଦି ଏ ସୃଷ୍ଟିରେ କିଏ
ସତ୍ୟ ପ୍ରେମ ଥାଏ···
ପ୍ରଥମେ ମୋ ପଣତରେ
ପଡ଼ିବେ ସେ ଝରି
ଏଥିପାଇଁ ଦୀର୍ଘକାଳ ଏକାନ୍ତରେ
କରୁଛି ସାଧନା,
ଏକାଗ୍ର ଚିନ୍ତନ ମୋର
'ସେ' ହୋଇଥିବେ–
ପରମ ପ୍ରିୟତମ ପ୍ରଣୟ ମୂର୍ଚ୍ଛନା······ ॥

❊ ❊ ❊

# ତୋ' ପାଇଁ ପଦେ……

ଥରେ ଚାହିଁ ଦେଲେ
ତୁ ଏପରି ହେଉ ଯେ–
ନିଜକୁ ସମ୍ଭାଳି ପାରେନି ମୁଁ,
ଅତର୍କିତ ତୋ' ଚାଲିବା ଭଂଗୀ
ଛନ୍ଦିଦିଏ ମୋ ଅସ୍ଥିର ପାଦକୁ,
ମୁଁ ଠିଆ ହୋଇ ଲକ୍ଷ୍ୟ କରେ ତୋତେ······
ତୋ ଚାଲିବା–
ଶେଷ ହେବାଯାଏଁ······ ॥

ସବୁବେଳେ ମଥାପାତି
ଠିଆ ହୋଇ ସମସ୍ତଙ୍କୁ ଟାଣିନେଉ
ଚୁମ୍ବକ ଲୁହାକୁ ଆକର୍ଷିଲା ପରି ।
କେଉଁ ମନ୍ତ୍ର ତୁ ଉଚ୍ଚାରୁ ଯେ'–
ଦେଖୁ ଦେଖୁ ଝାଉଁଳି ପଡ଼େ ମୁଁ
ଝାଉଁ ଗଛଟିଏ ପରି·· ··· ।

କେତେ ସ୍ୱପ୍ନ, କେତେ ସ୍ମୃତି ଏଠାରେ
ତୋ' ପାଇଁ ମୁଁ ସାଇତି ରଖିଛି,
କେତେ ସଂଧ୍ୟା, ସକାଳ ତୋ' ପାଇଁ
ଫୋପାଡ଼ି ଦେଇଛି,
କେଜାଣି କାହିଁକି କି ଶପଥ ମୋତେ
ସବୁବେଳେ କରେ ସ୍ଥିତପ୍ରଜ୍ଞ (?)

କା' ଅଙ୍ଟ ପଣ କରେ ସମ୍ମୋହିତ (?)
କେତେବେଳେ ଜହ୍ନକୁ ଘର୍ଷି
ଘୁପୁଡ଼ା ପକାଏ,
ସୂର୍ଯ୍ୟଙ୍କୁ କୋଳକରି ଚୁମ୍ବନ ମୁଁ ଦିଏ,
ତଥାପି ମୋ ଅବିଶ୍ରାନ୍ତ ଲୁହ
କେବେ ଅଟକି ଯାଏନି,
ତୋ' ପଦଧ୍ୱନିରେ
ସବୁ ସ୍ତମ୍ଭୀଭୂତ ହୁଏ,
ସ୍ଥିରୀକୃତ ହୁଏ······ ।

କିଛି ବୁଝିପାରେନି ମୁଁ
କାହିଁକି ବା ଲୁଚିଛପି ତୋ' ପଛେ ଗୋଡାଏ (?)
ଜାଣି ଜାଣି ଶୋଇ ରହି
ତୋତେ ସ୍ୱପ୍ନ ଦେଖେ,
ପୁଣି କେବେ ଲାଗେ,
ସେତ ମଣିଷ ନୁହେଁ (?)
ତୁଚ୍ଛା ଛାୟା ମାୟାଟିଏ,
ଜୀବନର ଅସହାୟ ମୁହୂର୍ତ୍ତର
ଏକାନ୍ତ ସମ୍ବଳ ଅବା—
ଜୀବନର ଶେଷ ଲକ୍ଷ୍ୟ ଇଏ······ ।।

# ଅନୁଶୀଳନ

ମୁଁ ଆସିବି,
ବାରବାର ଆସିଲେ ବି
ମୋ ଆସିବା ବାକି ରହୁଥିବ ତଥାପି ।
ମୁଁ ଜାଣିଛି,
ଜାଣିସବୁ ଉଦାସୀନ ରହୁଛି
ତୁମେ ଏଥର ଏବଂ
ଯେତେଥର ଫେରାଇ ଦେଲେ ବି
ତୁମ ମୋ ସଂପର୍କ
ଏ ଜନ୍ମରେ ରହିବ ଅଦ୍ୟାପି··· ।

ଆଜି ମୁଁ ପ୍ରସ୍ତୁତ ନୁହେଁ କିଛି ଉତ୍ତର ଦେବାକୁ,
ତୁମ ନୀରବତା ସହ ତୁମ ଗାମ୍ଭୀର୍ଯ୍ୟତା
ମୋତେ ଦିଏ ଗଭୀର ବିଶ୍ୱାସ
ଦୂର ବହୁଦୂର ଏକାକୀ ଯିବାକୁ··· ।

ସଂଜରେ ଅବା ପାହାନ୍ତା ପହରେ
ଗୁହିଁଲେ ଆକାଶକୁ କେବଳ
ତୁମକୁ ଦେଖୁଛି,
କେତେବେଳେ ସ୍ୱର୍ଗର ପାରିଜାତ ପରି
ଅବା ମର୍ତ୍ତ୍ୟର ଅମୃତ ଶିଶୁ ପରି
ତୁମକୁ ସ୍ପର୍ଶୁଛି······ ।

ଏବେ ବୁଝିହେଉଛି
ଏତିକି ସରିଗଲେ ଜୀବନ ସରେନା,
ତୁମେ ମୋତେ ଭୁଲିଗଲେ
ଆମ ସ୍ମୃତି ଆମକୁ ଭୁଲେନା ।
କେମିତି ସତରେ କେମିତି
ଏଠାରେ ରହିବାକୁ ହେବ (?)
ସକଳ ଭିତରେ ହସିବାକୁ ହେବ (?)
ମାନ, ଅଭିମାନକୁ ପଛକୁ ପକାଇ
ଚାଲିବାକୁ ହେବ କିପରି ପଡରେ;
ଏ ଅଜଣା ପଥରେ
ଏଇ ପୃଥିବୀରେ····· (?)

* * *

# ଅମରପକ୍ଷୀ

ଜୀବନର ନୈରାଶ୍ୟ ମଧ୍ୟାହ୍ନରେ
ରେ ପ୍ରିୟ ପକ୍ଷୀଟି ମୋର,
ଏଇ ଦୃଶ୍ୟ ଜଗତ ମଝିରେ
କେଉଁ ଆନନ୍ଦର ମୂଳନୀତିକୁ
ମତୁଆଲ ହୋଇ ତୁ
କରୁଛୁ ପ୍ରଚାର (?)

ମନେ ହେଉଛି ତୁ ମୋରି ଭିତରେ
ଅନନ୍ତ କାଳରୁ ବଂଚି ରହିଁଚୁ
ହୋଇ ଅଜର ଅମର ।

କ୍ଷମାଶୀଳ ପୃଥିବୀରେ
ଜୀବନକୁ ତୋଳି ନେବାର
ଛଳନା ଭିତରେ ପଦଚାରଣା ମୁଁ
ସାରଦିନ କରୁଥାଏ,
କାହାକୁ ବି ଦେଖେ ନାହିଁ,
ନିଜକଥା ହୁଏ ନାହିଁ,
ଧ୍ୟାନମଗ୍ନ ଦୃଷ୍ଟି ପକାଇ ନିଜକୁ ନିଜେ
ବିଶ୍ୱାସରେ ଆଉଁସି ପକାଏ ତ
କେତେବେଳେ ଆଶ୍ୱାସନା ଦିଏ··· ।

କହ ! କହ ତୁ ମୋତେ,
କାହାକୁ ତୁ ଅପେକ୍ଷା କରୁଚୁ (?)

କାମନାର ଦୁର୍ବାର ଆକାଂକ୍ଷାନେଇ
ମନେ ହେଉଛି ସାଇତି ରଖିବୁ
ଯନ୍ତ୍ରଣାର ଜ୍ୱାଳାକୁ ତୋ' କୋମଳ ପ୍ରାଣରେ !!

ଜାଣିନୁ ତୁ ?
ସୌନ୍ଦର୍ଯ୍ୟ ଓ ପ୍ରେମ,
ଅଭିଶପ୍ତ ବି ତାଙ୍କରି ଜୀବନ !
ଏବେ ତୋତେ ମୁଁ ଏଠାରେ
କଳ୍ପନା କରୁଛି, ତୋ' ପାଇଁ
ପ୍ରାର୍ଥନା କରୁଛି, ସବୁ ସ୍ନେହ ମୋର
ତୋ' ପାଖରେ ଅଜାଡ଼ି ଦେଉଛି,
ସବୁପ୍ରୀତିତକ ମୁଁ ମୋରି ଭିତରେ
ଲୁଗ୍ଜ ରଖିଛି,
ହେଲେ ପରିଚୟ ଜାଣେନା ମୁଁ ତୋର (?)
ତଥାପି ନିରୀକ୍ଷଣ କରେ;
ବାରମ୍ବାର ତୋତେ ସ୍ପର୍ଶ କରେ ଏବଂ
ଫେରି ଆସେ ମୋ ନିର୍ବାସନ
କୁଟୀର ଆଡ଼କୁ ।
ବେଳେବେଳେ ତୋ' ସାନ୍ନିଧ୍ୟ ପାଇଁ
ଗୁହାରିହେ ବିରହରେ,
ଆକାଶକୁ ତ କେତେବେଳେ
ସାଗର ମର୍ଚ୍ଛିକୁ, ଭବେ···
ଜାଳେ ତୁ ଲେଉଟି ଆସିବୁ !!

ଧନରେ,
ତୁ କ'ଣ ମୋତେ
ବିଶ୍ୱାସ କରିବୁ (?)
ବେଳେବେଳେ ତୋତେ କୋଳାଗ୍ରତ

କରିବାକୁ ଯାଇ ଦେଖେ ମୋର ଶୂନ୍ୟ କୋଳକୁ,
ଗଗଆସେ, ଲୁହ ଆସେ, ନିଜକୁ ନିଜେ ସଂପି ସଂପି
ବାନ୍ଧି ଧକାଏ କ୍ଷୀନ ସ୍ମୃତାଟିରେ–
ମୋର ସଂଗହୀନ ଜୀବନ ପଣକୁ ।
ସବୁ ଜୟ, ପରଜୟଙ୍କୁ
ମୋ ମଥାର କେଶରେ ଗୁନ୍ଥି ପକାଏ;
ସତରେ ତୋ' ପାଇଁ ମୁଁ
କାହିଁକି ଏପରି ହୁଏ (?)
ବେଳେବେଳେ ପାଲଟି ଯାଏ ମୁଁ
ଉନ୍ମତ୍ତ ପାଗଳୀ ଝିଅଟିଏ...... ।

ଜାଣିପାରେନି ମୁଁ
ଏବେ ଦିବାଗତି କାହାଲାଗି ଏଠି
ମୁଁ ମାନସୀ କଲ୍ୟାଣୀ ସାଜୁଛି ?
ନିଜକୁ ଭସାଇ, ହଜାଇ
କାହା ପ୍ରେମକୁ ଖୋଜୁଛି ?
ଅମଳିନ ସ୍ୱପ୍ନ ମୋର ସାଉଁଛି ମୁଁ
କାହା ପ୍ରତୀକ୍ଷାରେ ?
ଶିହରି ଉଠେ ପୁଣି
କେଉଁ ସୂକ୍ଷ୍ମ ପୁରୁଷଙ୍କ ଅପୂର୍ବ ସ୍ପର୍ଶରେ (?)

ବେଳେବେଳେ ମନରେ ଏପରି
ପ୍ରଶ୍ନ ଉଠୁଛି କାହିଁକି ?
ଏଠାରେ ଯାହା ମୁଁ ଦେଖୁଛି, ଯାହାକୁ ଖୋଜୁଛି
ସେ ତପସ୍ୟା କ'ଣ ତେବେ ସବୁ
'ସ୍ମୃତି' ପାଲଟିବ (?)
ଅସମାପ୍ତ ଜୀବନରେ ସକଳ
ସାଧନା ମୋର ଅନ୍ତର୍ଦ୍ଧାନ ହେବ (?)

ନା···ନା··· ଏସବୁକୁ
···ସହିବି ନାହିଁ ମୁଁ,
ପୃଥିବୀକୁ ଚିରିଦେବି, ମୁହୂର୍ତ୍ତକେ
ଆକାଶକୁ ତଳକୁ ଖସାଇ ଆଣିବି,
ଏକ ନିଃଶ୍ୱାସରେ ସାଗରକୁ
ଶୋଷି ଦେଇଯିବି ।

ଦେ···, ଏଇ ମୁହୂର୍ତ୍ତରେ
'ମୋ ତପସ୍ୟା ସବୁ'କୁ
ମୋତେ ତୁ ଫେରାଇଦେ ।
ଯାହାସବୁ ଏତେ ଜନ୍ମ ଧରି
ତୋତେ ମୁଁ ଦେଇଛି,
ସେସବୁ ଫେରାଇଦେ ରେ
ପ୍ରିୟ ଆତ୍ମାପକ୍ଷୀ ମୋର,
ଏବେବି ପ୍ରସ୍ଫୁଟିତ ପାରିଜାତ ପରି ତୁ
ବଂଚି ରହିଛୁ ଚିର ଅବିଚ୍ଛେଦ୍ୟ ହୋଇ
ମୋ ପବିତ୍ର ଆତ୍ମାର··· ।

ଜୀବନ ମୋର ଏବେ
ଅପ୍ରମେୟ ଏବଂ ଅଜୟ ।
ମୋ ନିଷ୍କାମ ପ୍ରେମରେ
ଜନ୍ମ ଆଉ ମରଣର
ଏବେ ଅଭିସନ୍ଧି ଶେଷ ।

ସମୟ ହେଲଣି,
ଆ···ଆ ତୁ ଫେରିଆ
ମୋ ଭିତରକୁ,
ଆଜି ମୋ ଆତ୍ମ ପୁରୁଷ ଭିତରେ

ଧ୍ୟାନସ୍ଥ···ଆତ୍ମସ୍ଥ ମୁଁ··,
ଯିବାପାଇଁ ମୋର ଆଉ ଇଚ୍ଛା ନାହିଁ–
ତୋର ସେଇ ନୂଆ ପୃଥିବୀ ପାଖକୁ···।
ମୁଁ ମୁକ୍ତି କିମ୍ବା ନିର୍ବାଣ ଖୋଜେନା,
କେବଳ ତୋ' ଫେରିବାର
ପବିତ୍ର ମୁହୂର୍ତ୍ତକୁ ମୁଁ
ମୁହୂର୍ତ୍ତେ ବି ଅପେକ୍ଷା କରୁଛି ଏଠାରେ,
ଆସିଲେ ତୁ ବି ଧ୍ୟାନସ୍ଥ ହେବୁ·····,
ଲୀନ ହୋଇଯିବୁ ମୋର–
ପରମ ଆତ୍ମାରେ···॥

❁ ❁ ❁

# କୁମାରୀର ଭିକ୍ଷା

ମୁଁ ଜାଣେ ମୋ ଚିହ୍ନାଓ ଅଚିହ୍ନା ରୂପକୁ,
ବେଳେବେଳେ ଭୁଲିଯାଏ ଘଟାୟୁତ ଜନ୍ମକୁ,
ମୃତ୍ୟୁକୁ ଏବଂ ନିସ୍ତବ୍ଧ
ଅତୀତ ଓ ଭବିଷ୍ୟକୁ…… ।

ଚିରନ୍ତନ ଲୋହିତ ରଙ୍ଗରେ ଭରା
ଫର୍ଚ୍ଚା ଆକାଶ ତଳେ,
ଶୈଶବରୁ ଆଜିଯାଏଁ
ଆଜୀବନ ଶୁଦ୍ଧିମନ୍ତ
ବିଶ୍ୱାସର ପୃଥିବୀ କୋଳରେ
ସମର୍ପିଦେଲି ନିଜକୁ ମୁଁ
ତପସ୍ୟାସିଦ୍ଧ ଫୁଲଟିଏ କରି,
ପୂର୍ଣ୍ଣସମର୍ପଣ ପରେବି
ଲାଗୁଛି ମୋତେ
ଏହା ଅପୂର୍ଣ୍ଣ ଯେପରି…… ।

ସରଳ, ନିଷ୍ପାପ ସୁକୁମାରୀ କନ୍ୟା
ଅବେଳରେ ଫେରିଆସିଛି
ପୃଥିବୀ ଉପରୁ ବେଦମନ୍ତ୍ରର
'ଓଁ' କାର ଧ୍ୱନି ହୋଇ,
ଏ କୂଳ ସେ କୂଳର ଲହରୀରେ
ଭସି ଭସି କେଉଁ ଊର୍ଦ୍ଧ୍ୱ ମହାନୁଭବରୁ

ମନେ ହେଉଛି ସେ ଧୀରେ ଧୀରେ
ଯେପରି ଆସୁଛି ଓହ୍ଲାଇ ।

ସେଇଥିପାଇଁତ,
ଧ୍ୟାନ, ତପଃ, ସାଧନା ଆଉ
କିଛି କରୁନାହିଁ, ଚିହ୍ନି ସାରିଛି ମୁଁ
ଆପଣାର ଚିନ୍ମୟ ସତ୍ତାକୁ ।
ତଥାପି ମୋ ଭିତରର ସତ୍ତାମାନେ
ମଝିରେ ମଝିରେ ବିଳପି ଉଠନ୍ତି,
କେତେକ'ଣ ପଗ୍ଚରନ୍ତି,
ଉନ୍ମାଦ ହୁଅନ୍ତି, ବିକ୍ଷୋଭକରି
ଫେରଇ ଆଣନ୍ତି ମୋର କୋଟି ଜନ୍ମର
ହଜିଲା ଦୁଃଖ ଓ ଯନ୍ତ୍ରଣାମାନଙ୍କୁ··· ।

ମନେହୁଏ ଆଉ ଏ ପୃଥ୍ୱୀରେ
ମୃତ୍ୟୁ ପାଇଁ ଅଧିକ ନିରପଦ
ସ୍ଥାନ ଓ ମୁହୂର୍ତ୍ତକୁ ଖୋଜିବା–
କ'ଣ ପ୍ରୟୋଜନ ?
ଗ୍ଚହିଁଦେଲେ ସାମ୍ନାରେ
ସତ୍ୟ, ଶିବ, ସୁନ୍ଦରର ଦୃଶ୍ୟ;
ତାହାହିଁତ ସନ୍ଧାନୀର
ଏକାନ୍ତ ସ୍ୱପ୍ନ ଓ ନିର୍ବାଣ··· ।

ଏଇ ମାହେନ୍ଦ୍ର ମୁହୂର୍ତ୍ତରେ
ମୁଁ ଆଜି ମାଗିବି ସବୁ,
ଯାହାଅଛି ତୁମପାଖେ
ମୋ ଚିରଅର୍ଣ୍ଣିରେ ଜୁଡାଇଦିଅ,
ତୁମ ପବିତ୍ର ପ୍ରେମରେ ଏପରି
ମୋତେ ବାରବାର ସ୍ନାତ କରୁଥାଅ ।

ଦିଅ ମୋତେ ଆଜି
ବସନ୍ତର ଅନୁରଗ/ଶିଶିରର ଶୀତ,
ଦିଅ ମୋତେ ପକ୍ଷୀର ମୁକ୍ତ ପକ୍ଷ
କୋଇଲିର ସୁମଧୁର ଗୀତ,
ଦିଅ ମୋତେ ସୁକୁମାର ଶିଶୁର
ମିଠା ମିଠା ହସ,
ବିସ୍ତାରିତ କର ମୋ ହୃଦୟକୁ
ହୁଏ ମୁଁ ଆକାଶ,
ଦିଅ ମୋତେ ଗଭୀରତା
ନୀଳ ସାଗରର,
ଦିଅ ମୋତେ ଉଦାରତା
ସର୍ବସଂହା ଧରଣୀ ମାଟିର,
ଯାହାଅଛି ତୁମ ପାଖେ
ସବୁଦେଇ ଆଜି ପୂର୍ଣ୍ଣକର
ମୋର ଭିକ୍ଷାଥାଳ,
ଏହିକ୍ଷଣି ହେବି ମୁଁ ଇଶ୍ୱର;
ସକଳ ଭିତରେ 'ମୁଁ' ଏବଂ
ମୋ ମଧ୍ୟେ ସକଳ...... ।।

# ଯିଏ ଥିଲା ଦିନେ......

ଭୁଲିଗଲୁ କେତେକାଳ ହେଲା
ତୁ ତୋର ଦୀର୍ଘ ନୀରବତାରେ
ତୋ'ର ଅଯୁତ ନାମହୀନ, ସଂଜ୍ଞାହୀନତାରେ,
ତୋ' ଅଜଣା ସାଥୀ ଗହଣରେ ।
ମୋ ଅନୁପସ୍ଥିତିରେ
ମୋତେ ଭୁଲିଗଲୁ, ଯିଏ ଥିଲା ଦିନେ
ତୋ'ର ଅବିଚ୍ଛେଦ୍ୟ ଆତ୍ମାର ସାଥୀ
ଏକମାତ୍ର ଜୀବନ କାଳରେ... ।

ଆଉ ପ୍ରତିଶ୍ରୁତି ଦେବୁନି କେବେ;
ହାତଧରି ଶପଥ ନେବୁନି,
ଆଉ ମନଲେଖା ଠାଣିରେ
ଗ୍ରହିବୁନି କେବେ, ତୋ' ଆତ୍ମା ସହ
ସଭିଙ୍କ ଆତ୍ମାର ହସକୁ
ଲିଭାଇ ଦେବୁନି,
ସଦାବେଳେ ଦେଖିବୁ ନିରେଖି ନିଜକୁ,
ଅତୀତକୁ, ତୋ' ଅସରନ୍ତି
ଭବିଷ୍ୟର ଅଜଣା ପଥକୁ...... ।

ମନେରଖିବୁ,
ମୁହଁଫେରାଇ ପଛକୁ ଦେଖିବୁନି କେବେ,

ଶୂନ୍ୟ ହସ୍ତରେ କାହାକୁ
ଫେରଇ ଦେବୁନି, ଦେଇ ଯୁଝିବୁ
ଯେତେ ପାରିବୁ ସେତେ-
ସର୍ବଶୂନ୍ୟ କରି ନିଜକୁ, ଅବାଧରେ–
ଅନାୟାସରେ, ନିଃ ଶେଷରେ······।

# ବୋଉ

ମୁଁ ମାଗିନଥିଲି ବୋଉ
ପ୍ରତି ପଦରେ ଅମୃତ,
ପ୍ରତି ଦାନରେ ପ୍ରତୀକ୍ଷା,
ପ୍ରତି ଜନ୍ମରେ ଉପେକ୍ଷା,
ପ୍ରଶ୍ନ କିଛି ନାହିଁ ମୋର–
ଏବେ ଦେଖୁଛି ଚତୁର୍ଦ୍ଦିଗରେ
କେବଳ ଭଉର···ଭଉର··· ।।

ବୋଉ,
ତୁମ ପାଖେ ଆଜି ମୋର
ଏତେ ଟିକେ ଦାବୀ ନାହିଁ,
ଅଭିମାନ, ଅଭିଯୋଗ ନାହିଁ,
ହସ, ଲୁହ, ପ୍ରତ୍ୟାଶା ବି ନାହିଁ,

ତଥାପି·········
ସବୁ ଅଶ୍ରୁ ଝରି ଯାଏ କିଆଁ
ଅଜାଣତେ ତା' ନିକଟରେ (?)···.
ମୁଗ୍ଧ ହୋଇ ଖୋଜୁଛି
ମୁଁ ତାକୁ ଛତାୟତ-
ସକଳ ଜନ୍ମରେ······ ।।

❋ ❋ ❋

# ତୁମେ ଆସିବା ପରେ

( ହେ ମୋର ଅବ୍ୟକ୍ତ ଦ୍ୱିତୀୟ ସତ୍ତା…
ହେ ମୋର ପ୍ରାଣର ପ୍ରତିଭୂ,
ପ୍ରେମର ସ୍ୱୟଂଭୂ ସନାତନ ସତ୍ୟ !
ତୁମର ଆସିବା ହିଁ ତ ପ୍ରତିଶ୍ରୁତି-
ମୋର ଭବ୍ୟ ଭବିଷ୍ୟର…
ତୁମର ଯିବା ଓ ଆସିବାର-
ଅପେକ୍ଷିତ ଲଗ୍ନ ସବୁର ସଞ୍ଚୟରେ
ଶେଷ ହେବ ପାର୍ଥିବତାର ସକଳ ଆସୂତା…
ତୁମର ଆସିବା ମୋତେ ଧରିରଖିବ-
ଆପଣାର ଆତ୍ମିକ ସ୍ଥିତିରେ…,
ମନ୍ଦାକ୍ଷିବନର ଅସଗ୍ର ସ୍ୱପ୍ନରେ…
ଆତ୍ମରତିର ସମାଧି ପଙ୍କରେ…
ଆରମ୍ଭ ହେବ ଅମୃତତ୍ୱର,
ଆଲୋକର ମଧୁଲଗ୍ନ-
ଏଇ ପୃଥିବୀରେ…
ତୁମେ ଆସିବା ପରେ…… । )

ତୁମେ ଆସିବା ପରେ
କିପରି କେଜାଣି ଦିଶିଲା ସବୁ ଅଲଗା ଅଲଗା,
ଅଧାଲେଖା ପୃଷ୍ଠା ସବୁ ପ୍ରତିଦିନ
କାନ୍ଦୁଥିଲେ, ଆଜି ସବୁ ଶେଷ ହେଲେ
ଇତସ୍ତତଃ ହୋଇ ତୁମ
ତୀବ୍ର ନିଃଶବ୍ଦ ଡାକରେ ।

ତୁମେ ଆସିବା ପରେ ଲାଗେ,
କିଏ ଜାଣେ–
ଫେରିବାର ଦିନ ଯଦି
ଆଜି ହୋଇଥିବ,

କିଏ ଜାଣେ–
ଆଜି ଗଲେ ଫେରି ତାକୁ
ଆଉ ସମୟ ନଥିବ,
କିଏ ଜାଣେ—
ଏଇ କଥା ଯଦି ଶେଷ କଥା ହେବ,
କିଏ ଜାଣେ—
ଏ ମିଳନ ପରେ ଆଉ ଦେଖା ବି ନହେବ ।

କିଏ ଜାଣେ ବା ନଜାଣେ ଏଠାରେ,
ତଥାପି ଏ ଜୀବନ ପରିଣତ ହେବ—
ମହାଜୀବନରେ··· ।

ତୁମେ ଆସିବା ପରେ
ତୁମେ ଯେତେ ଦିଅ—
ମୁଁ ନେଇପାରେ ନାହିଁ,
ତୁମେ ଯାହାସବୁ କହିଦିଅ—
ଶୁଣିପାରେ ନାହିଁ,
ଗଭୀର ନିବିଡ଼ରେ ପାଦଠାରୁ କପାଳ ଯାଏଁ—
ସ୍ପର୍ଶିଗଲେ ଜାଣିପାରେ ନାହିଁ,
ମନେହୁଏ,
ଏଠାରେ ଯେପରି ସବୁ ଶୂନ୍ୟ···
ତୁମେ ମୁଁ ସମସ୍ତେ ରହିଛେ—
ଶୂନ୍ୟରେ ମହାଶୂନ୍ୟରେ · ।

ତୁମେ ଆସିବା ପରେ
ମୁଁ ମୋ ଅତୀତଠୁ ଭବିଷ୍ୟତ ଯାଏଁ—
ସଭିଙ୍କୁ ଡାକିଛି,
ଆକାଶ ଛାଇରେ ବସିଛି,

ମାଟି ଓଢ଼ଣରେ ଶୋଇ ଜନ୍ମକୁ ଦେଖିଛି,
ଗଛପତ୍ର ସହ ଆଳାପ କରିଛି,
ଫୁଲମାନଙ୍କୁ ଚୁମ୍ବନରେ ସ୍ପର୍ଶ କରିଅଛି ।

ତୁମେ ଆସିବା ପରେ,
ଏତେଦିନଠରେ ମୋ ନିଜକୁ ମୁଁ—
ଆଦରରେ କୋଳକରି ସାଉଁଟି ଆଣିଛି,
ସବୁଠାରୁ, ତୁମଠାରୁ ମୋ ନିଜକୁ–
ଭଲ ମୁଁ ପାଉଛି··· ।

ତୁମେ ଆସିବା ପରେ ଏଥର
ସବୁଠାରୁ ମୋ ନିଜକୁ ଫେରାଇ ଆଣିଛି,
ଏତେକାଳ ତୁମସହ ଖେଳ ମୋ ସରିଛି,
ଆଜି ମୋ ପ୍ରଶ୍ନ ମୋତେ—
ବିଦ୍ରୂପ କରି, ବ୍ୟତିବ୍ୟସ୍ତ କରି ସେ କହୁଛି···
–"ଦିନ, କାଳ, ମୁହୂର୍ତ୍ତ ସବୁ
ଧୀରେ ଧୀରେ ସରିଯାଏ ଅଦୃଶ୍ୟରୁ,
ଫେରିବାକୁ ଦିନେ ହେବ,
ସବୁ ଗଲ ବୋଲି ଖବର ଆସିବ,
ଏଠାରେ ତୁମେତ କାହାର ନୁହେଁ,
ଅଥଚ କେତେ କାଳ—
ଜନ୍ମ ପରେ ଜନ୍ମ ଘୁଲୁଟିବ–
ଆପଣା ଅଜ୍ଞାନ ଉଦାସୀନତାରେ,
ନିଘାରିଲ ନୀରବ ନିଃଶବ୍ଦ ପଥରେ ??"

ବାର ବାର ତୁମେ ଆସିବାପରେ
ମୋ ଫେରିବା ଦିନ ଏଠାରେ
ନିଶ୍ଚୟ ଆସିବ, ସବୁ ପରିଚୟକୁ ଫୋପାଡ଼ି—

ମୋତେ ଏକା ଯିବାକୁ ପଡ଼ିବ,
ସକଳ ପ୍ରାଚୁର୍ଯ୍ୟ ମୋର ଆଢୁଆଳେ —
କଥାକହି ହସୁଥିବେ, କାନ୍ଦୁଥିବେ
ପ୍ରିୟ ପରିଜନ ।
ତୁମେ ଥିବା ଯାଏଁ, ତୁମ ମୁହଁ ଦିଶୁଥିବା ଯାଏଁ–
ମନହେବ ଭଗ୍ୟ, ଭବିଷ୍ୟତ ସବୁ ମିଛ···
ଅତୀତର ସକଳ ବନ୍ଧନ,
ମୁଁ ସତ୍ୟ, ତୁମେ ସତ୍ୟ,
ମହାସତ୍ୟ ଆମ ପ୍ରେମ ଓ ଜୀବନ···,
ମହାସତ୍ୟ ଆମ ପ୍ରେମ ଓ ଜୀବନ······ ।।

❋ ❋ ❋

## ମନର ମଣିଷ

ତୋତେ ମୁଁ ପାରୁନି ଭୁଲି,
କେମିତି, କେଜାଣି, କି ବେଳାରେ
ଅବା କେଉଁ ଅନ୍ତହୀନ ଅପେକ୍ଷାରେ
ତୋ’ ସହ ମିଳନ ହେଲା ଯେ,
ତୋ’ ପ୍ରତି ମୁଁ ଆକର୍ଷିତ ହେଲି
ମୋ ଅନ୍ତର ଭିତରେ,
ଖୁବ୍ ଆପଣା ପଣରେ··· ।

ତୁ ଏପରି କିଏ ଥିଲୁ ଯେ (?)
ମୁଁ ତୋତେ ଏତେ ଭଲ ପାଉଥିଲି··· ?
ମୁଁ କିନ୍ତୁ ଜାଣିଥିଲି,
ଜାଣି ଜାଣି ତୋ’ ପାଇଁ
ନିଘେଳାରେ ଜଳୁଥିଲି,
ଏଇ ଜ୍ୱଳନ ଭିତରୁ ମୋ
ପ୍ରିୟତମ ମନର ମଣିଷକୁ
ବାରବାର ମୋ ଆତ୍ମାରେ
ଜନ୍ମ ଦେଉଥିଲି······ ।

ମୁଁ ଜାଣେ ନାହିଁ
ତୁ ଏବେ କେଉଁ ଗଇଜରେ ?
ତଥାପି ତୋ’ ପାଇଁ ମୁଁ ମୋ ଆଖିର ଲୁହକୁ,

ହୃଦୟର ଅକୁହା କୋହକୁ ସାଇତି ରଖିଛି ।
ଅନେକ ରତିରେ ତୋତେ–
ସ୍ୱପ୍ନରେ ଦେଖିଛି; କେତେବେଳେ
ତୋ' ପାଇଁ ନିଦରେ କାନ୍ଦିଛି,
କେତେବେଳେ ତୋ' ପଛରେ
ଦୌଡ଼ି ଯାଇଛି, ନିଦରୁ ଉଠିଛି,
ତୋ' କଥା ଭବିଛି,
ତୋ' ସ୍ମୃତି ମୋତେ ବିସ୍ମୃତିରୁ ବାରବାର
ଫେରଇ ଆଣିଛି, ଆମ୍ ନିମଗ୍ନରେ
କବି ଏବଂ କେବେ ନୀରବରେ
ସ୍ୱୟଂ ନିଜେ 'କବିତା' ହୋଇଛି··· ।

ହେଲେ ତୁ କ'ଣ ଜାଣିଛୁ କିଛି ???
ତୁ ମୋତେ ଆଜି ବି ଜାଣିନୁ,
ତୁ ମୋତେ "ଶୁଁଝିଏ" (?)
ଆଜି ବି ଚିହ୍ନିନୁ ।

ତୋତେ ମୁଁ ଏତେ ବେଶୀ ଭଲ ପାଏ ବୋଲି
ସପରେ, ସ୍ମୃତିରେ, ଏକାଏକା
ପୃଥିବୀରେ, କ୍ଷମାହୀନ ମାନ ଅଭିମାନରେ
ନିଦାରୁଣ ଭଗ୍ୟନେଇ
ଭବିଛି ଏପରି ନୀରବରେ
ଜଳିବାକୁ ମୋ' ଭିତରେ ବାହାରେ,
ଆବୋରି ନେଇଛି ତୋତେ
ଅୟୁତ ଜନ୍ମରୁ "ତୁ ମୋର ବୋଲି"
ନିଜ ହୃଦ ଆଭ୍ୟନ୍ତରରେ ।

ଏଠାରେ ମୁଁ ତୋତେ ଅପେକ୍ଷା କରିଛି,
ତୁ କ'ଣ ମୋତେ ଥରେ ବି ଖୋଜିଛୁ ?
ନା ମୁଁ ଜାଣେ,
ତୁ ମୋତେ ଖୋଜିନୁ କି
ଖୋଜିବାକୁ କେବେ ଚେଷ୍ଟା ବି କରିନୁ ।
ତୁ ସବୁବେଳେ ଭବିଛୁ ,
ମୁଁ ଏକ ସମୁଦ୍ର–
ତୁ ଏକ ଗତିହୀନ ନଈ,
କିନ୍ତୁ ମୋ ହୃଦରେ କୋଟି କୋଟି ନଈର
ଆଶ୍ରୟ ସ୍ଥଳୀ···
ମୋ ଆଶ୍ରୟ କାହିଁ (?)

ତୁ ମୋତେ ସୁଖ କି ଦୁଃଖ ଦେବୁ
ଆଜି ମୁଁ ଜାଣେନା···
ତୋ' ପାଖରେ ମୋର ଏତେଟିକେ
ଦାବୀ ନାହିଁ ; କିନ୍ତୁ···
ତୋ, ଦାବୀ ତ ମୋ ପାଖେ ନିଶ୍ଚୟ,
ଏଥିରେ ସନ୍ଦିହାନ ନାହିଁ ।

ଜୀବନରୁ ମହାଜୀବନକୁ ମୋର
ଏତେଦିନପରେ ତୁ କାହିଁକି ଆସିଲୁ ?
ମୁଁ 'ତୋତେ' ମୋ ଭିତରେ ରଖି
ସେଇଦିନୁ ବାକି ସବୁ ପୃଥିବୀକୁ
ଫେରାଇ ଦେଇଛି ।

ମୁଁ ଏବେ ଖୁବ୍ ଶାନ୍ତ,
ତୁ ବି ମୋ ପରି ଥିବୁ ଶାନ୍ତ, ସମାହିତ ।
ସେଇ ଦିନ ଠାରୁ···
ତୁ ମୋ ଭିତରେ ବଂଚି ରହିଛୁ
ଅଜ୍ଞାତ ଭବରେ, ସବୁଠାରେ—
ତୁ ହିଁ ଦିଶୁଛୁ··· ।

ଏବେ ଯଦି ତୋ ବିଷୟରେ
ପଗ୍ଭରେ କାହାକୁ,
ମୋ ଭିତରୁ କିଏ ଆସି
ଉତ୍ତର ଦିଏ, ମୁକ୍ତି ଦିଏ ଜୀବନକୁ ଏବଂ
ମୋର ନିଷ୍ପାପ ଆତ୍ମାକୁ··· ।

ସବୁବେଳେ ଏଠି
ସ୍ମରଣ କରିବା ମାତ୍ରେ ତୋ'ର
ସ୍ୱର ଶୁଣେ ଜହ୍ନରୁ, ଆକାଶରୁ,
ଅମାନିଶା ଅନ୍ଧକାର ଭେଦି
ଦୂର ଦିଗ୍,ବିଦିଗନ୍ତରୁ··· ।

ତୁ କ'ଣ ବୁଝିବୁ ?
ଆଜି ବି ମୁଁ ତୋ' ପାଇଁ
ଏଠାରେ ଲୁଚି ଲୁଚି କାନ୍ଦେ,
ନିଜକୁ ନିଜେ ଦେଖି ଚମକି ଉଠେ
ମୁହୂର୍ତ୍ତେ, ଭବେ ପୁଣି କାଳେ କିଏ
ଦେଖିବ, ଭାବିବ କିଛି ?
ପ୍ରତିଦିନ ଚାହିଁଥାଏ ତୋ ପୃଥିବୀ ଆଡକୁ,
ଜୀବନକୁ ଏବଂ ତୋ' ରଂଗ ଅଧରକୁ··· ।

ଯେତେବେଳେ ମୋ
ମନ, ପ୍ରାଣ, ଆତ୍ମାରେ
ପ୍ରତୀକ୍ଷାର ପର୍ବ ଯାଏ ସରି,
ବାରମ୍ବାର ଓଠ ମୋର ଥରି ଉଠେ—
ଲୁହ ଥାଏ ଆଖିରେ ଆଖିଏ,
ହୃଦୟରେ ଅଜ୍ଞାତ କୋହ
ଟଳମଳ ହୁଏ, ତୋ' ସ୍ମୃତି
ବାର ବାର ଆସି ମୋତେ ଏଠାରେ
ଛୁଇଁ ଛୁଇଁ ଯାଏ ।

ଏବେ ବି ଜାଣେନି କାହିଁକି
ମୁଁ ମୋ ନିଜଠାରୁ ତୋତେ
ଏତେବେଶି ଭଲ ପାଏ……???

* * *

# ଜୀବନର ଗୀତ

ତୁମେ କି ଜୀବନ !
ଆପଣାର ବୋଲି କିଛି ନାହିଁ ଅନୁଭବ,
ଅଥଚ ସଭିଏ ପ୍ରିୟ ପରିଜନ,
ଶୈଶବେ ପାଳିଛି ସେ କେତେ,
ଯୌବନେ ଦେଖିଛି ନିମିଷେ
ତାହାନୁହେଁ ସତ୍ୟର ମରମ
ସବୁ ପୂର୍ଣ୍ଣ, ସବୁ ପ୍ରେମ···ସିଏ ହିଁ ପରମ···।

ତୁମେ କି ସତ୍ୟ ·
ଏଯେ ମୋହଭଂଗ ତବ,
ବ୍ୟକ୍ତ କରିତ ଦୂଏନା,
କିଏ ଶାନ୍ତ, ପୁଣି କିଏ ସ୍ନିଗ୍ଧତାର ଅମୂଳ ରହସ୍ୟ ?
ଅବଶେଷେ ସରିବ ନିଶ୍ଚିତ–
ଏଠି କିଛି ସତ୍ୟ, କିଛି ବି ଅସତ୍ୟ
ଜୀବନର ଏହିତ ଜୀବନ୍ତ ଉଚ୍ଛାସ
ସିଏ ହିଁ ଓଁର ପ୍ରକାଶ···।

ତୁମେ କି ମୃତ୍ୟୁ !
କିଆଁ ଏତେ ଶୀଘ୍ର !
ଫେରିଯାଅ ତୁମ ରାଜ୍ୟ,
ମାଗୁଛି ବିଦାୟ, ବିସ୍ମରିତ କରିଦିଅ
ତୁମ କର୍କଶ ହୃଦୟ !

ଅତୀତ–ଅନ୍ଧକାର ଗର୍ଭେଲୀନ,
ଭବିଷ୍ୟତ ମୋ ଇନ୍ଧନ,
ମୁଁ ତ ଶୂନ୍ୟ ନୁହେଁ···,
ଶୁଣେ ଗଭୀର ଅଶ୍ୱାସନା ଧ୍ୱନୀ–
ଆକାଶ ବକ୍ଷରୁ, ସାଗର କୋଳରୁ
ମିଶିଯାଏ ମହାଶୂନ୍ୟେ,
ସବୁ ମୋହ ଲୀଳା ଭଂଗ ହୁଏ······
କିନ୍ତୁ ଏକା ଥାଏ ମୁହିଁ
ଦେଖିବାକୁ ଯାହା ସତ୍ୟର ଆଧାର
ଏବଂ ସମୀମ ଅନନ୍ତ
ଶାଶ୍ୱତ ପ୍ରେମ ପାରବାର··· ॥

❁ ❁ ❁

# ସ୍ୱୀକାରୋକ୍ତି

ମୁଁ ଜାଣିଛି ତୁମେ ମୋତେ ଭଲପାଅ
ଖୁବ୍ ଭଲ ପାଅ ବୋଲି
ତଥାପି କାହିଁକି ବେଳେବେଳେ ଡରି
ପଛଘୁଞ୍ଚା ଦିଏ (?)
ବାରମ୍ବାର ଭାବେ ମନେ ମନେ
ଅଦେଖା, ଅଜଣା ରୂପକୁ କାହିଁ
କରି ନିଏ ମୋ କୋମଳ ପ୍ରାଣେ (?)

ସବୁକଥା ଭୁଲି ନାହିଁ,
ତୁମ ବ୍ୟଥା ବୁଝି ନାହିଁ,
ନାନା ସ୍ମୃତି, ବିସ୍ମୃତିରେ ମଧ୍ୟ ତୁମଠାରୁ
ଭାବିନି ମୁଁ ଥରେ ହଜିଯିବା ପାଇଁ
କିମ୍ବା ଫେରିଯିବା ପାଇଁ ।

ଅପହରଣ କରିଥିଲି ଦିନେ
ଇଚ୍ଛାଙ୍କ ସର୍ବସ୍ୱକୁ,
ଲୁଚାଇ ରଖିଥିଲି ମଧ୍ୟ ଦୁଃଖଙ୍କ-
ଅସହାୟତାକୁ, କିନ୍ତୁ ମୁଠାଇ ପାରି ନଥିଲି
ମୋ ନିଜର ଅସଜଡା ଅସ୍ତିତ୍ୱ ଗୁଡ଼ିକୁ ।

ଜାଣିନଥିଲି କି ଭାବିନଥିଲି ମୁଁ,
ଏପରି ଛାଇପରି ସୁଖ ସବୁ ମୋର
ଅଜାଣତେ ସିଧା ସିଧା
ହାତୁଁ ଖସି ଯିବେ (?)
ଜାଣିଶୁଣି, ବୁଝି ସୁଝି ପାଷାଣି ଅହଲ୍ୟାପରି
ମନେ ମନେ ଭାବିଥିଲି ଦିନେ ସବୁ
ଠିକ୍ ହୋଇଯିବ ବୋଲି ।

ଏବେ ବି ଭାବୁଛି, ନିରେଖି ଦେଖୁଛି,
ନୀରବରେ ହାତପାତି
ପ୍ରତୀକ୍ଷା କରୁଛି, ସତରେ
କୁଆଡେ ଗଲା ସେ ଦିନ (?)
ମୁଁ ତ କାହାର କେବେ ଧ୍ୱଂସର-
କର୍ତ୍ତୀ ନଥିଲି, କାହା ସ୍ୱପ୍ନର
ବାଲିଘରଟିକୁ କଣ୍ଢିନଥିଲି,
ତେବେ ଏପରି କାହିଁକି,
କିଏ କ'ଣ କଲା (?)
ମୋ ଆତ୍ମାର ସବୁ ପବିତ୍ରତା
କ'ଣ ମିଥ୍ୟା ଅଭିନୟ ଥିଲା (?)
ସେ ଭିତରୁ ଈଶ୍ୱରଙ୍କର-
ଏତେ ଟିକେ ସ୍ୱର ବି ଶୁଭୁନଥିଲା (?)
ହୃଦମନ୍ଦିରରୁ ତା' ହେଲେ ମୋର
ପୁଣ୍ୟର ଚିତା ମୂରୁଜ ସବୁ ଧୋଇହୋଇ
ଲିଭି ଯାଇଥିଲା (?)

ତଥାପି,
ସବୁ ଲିଭିଯିବା ସତ୍ତ୍ୱେ ବି
ଏତିକି ଭାବେ ମୁଁ ପ୍ରତି ମୁହୂର୍ତ୍ତରେ-

ମୋ ପାଇଁ ଅଦୃଶ୍ୟ ପୁରୁଷଙ୍କ
ପ୍ରେମ ନଥିଲା, ଅଥଚ
ପ୍ରେମିତ ଆଶୀର୍ବାଦ ଥିଲା, ଯାହାକି
ଏ ପୃଥିବୀରୁ ମୋତେ ଧୀରେଧୀରେ
ଛିନଭିନ୍ନ କରି ଅନ୍ୟ ଏକ
ପବିତ୍ର ରାଜ୍ୟକୁ ଉଠାଇଁ ଆଣିଲା ।
ପ୍ରକୃତରେ,
ଏଇ ରାଜ୍ୟ ପାଇଁ ମୋ ତପସ୍ୟା
ଯୁଗଟିଏ ହେଲା ।

ଏବେ ଆଉ ଦୁଃଖ ନାହିଁ କିମ୍ବା
ଶୋଚନା ନାହିଁ ମୋର ଭିତରେ, ବାହାରେ···
ପାଦରୁ କପାଳ ଯାଏଁ ପ୍ରେମସିକ୍ତ ମୁଁ,
ପ୍ରାର୍ଥନା ଝରୁଛି କେବଳ
ଆପଣା ଅଶ୍ରୁରେ··· ।

* * *

# ନ ଜାୟତେ ମ୍ରିୟତେ

ଆଉଥରେ ଫେରି ଆସ
ବହୁକାଳ ପ୍ରତୀକ୍ଷାର ପର୍ବ ଗଲ ସରି
କେତେ ଏକା ଏକା
ପ୍ରାୟଶ୍ଚିତ କରି ହେବ (?)
ମୁଁ ରହିଛି ଏଠି—
ଉତ୍ତରଣ ବେଳାରେ ମୋ
ଆତ୍ମ ପ୍ରତ୍ୟୟର
ପୂର୍ଣ୍ଣକୁମ୍ଭ ଧରି··· ।

ଜୀବନର ପରାଜୟ ରାତି
ଆଜି ଶେଷ ।

ପ୍ରାର୍ଥନା ନାହିଁ ବୋଲି
ଆଜି ରାତି ପାହୁନାହିଁ;
ଆକାଶରେ ତାରା ନାହିଁ,
ଜହ୍ନ ନାହିଁ, ଗଛରେ
ଫୁଲଟିଏ ଫୁଟିବା ଦିଶୁନି ।
ବାହାରେ ପବନର ଖେଳନାହିଁ,
ପୃଥିବୀରେ ଶବ୍ଦ ନାହିଁ,
ଶିଶୁଟିଏ ମଧ୍ୟ ଆଜି ରାତିରେ
କାନ୍ଦିବା ଶୁଭୁନି ।

ଖୁବ୍ ସନ୍ଧିକ୍ଷଣ ମୁହୂର୍ତ୍ତ ଏ !
ଏମିତି ମୁହୂର୍ତ୍ତରେ ଈଶ୍ୱରଙ୍କୁ ମଧ୍ୟ
ଅପେକ୍ଷା କରିବାକୁ ହୁଏ ;
ପ୍ରାର୍ଥନା ଶୁଣିବାପାଇଁ ସେ
ଚାହାଁନ୍ତି ପୃଥିବୀକୁ–
ଘଡ଼ିଏ ଘଡ଼ିଏ ।

ଆଜି ତୁମର ଏହି
ବିଶାଳ ରୂପ ଓ ଦୃଷ୍ଟି
ସଭିଙ୍କୁ ନିଜକୁ ବାଣ୍ଟୁଛି;
ଆମ୍ଭର ଐଶ୍ୱର୍ଯ୍ୟ ରେ
ସେ ସ୍ୱୟଂ ବିମୋହିତ,
ଠିଆହେଲେ ମଥାକୁ
ଆକାଶ ବାଜୁଛି ।

ଏବେ ଦେଖୁଛି,
ଧୀରେ ଧୀରେ ହେବାକୁ ଲାଗିଛି
ଆକାଶ ପରି ବିସ୍ତୃତ
ହିମାଳୟ ପରି ବିରାଟ ଓ ସ୍ଥିର,
ରୂପରେ ଅରୂପ ଅରୂପରେ ରୂପ
ଦିଶୁଛି ଅପୂର୍ବ ଅନିନ୍ଦ୍ୟ ସୁନ୍ଦର ।
ତୁମପାଇଁ ଏଠାରେ ଆଉ
ଜନ୍ମନାହିଁ,/ମୃତ୍ୟୁନାହିଁ,
ହସନାହିଁ/ଲୁହନାହିଁ,
ସୁଖନାହିଁ/ଦୁଃଖନାହିଁ
କ୍ଷୁଧାନାହିଁ/ତୃଷାନାହିଁ
ପଚାରିଲେ ପ୍ରଶ୍ନ (?)
ଉତ୍ତରରେ–
ଶବ୍ଦ ଆସେ ଅଶବ୍ଦରେ



ଅଶବ୍ଦ ଆସେ
ଜୀବନ ସମସ
ସବୁ ଶେଷ
ଗୋଟିଏ ଜା
"ନ ଜାୟତେ
ଏବଂ କେତେ
ନ ହନ୍ୟତେ

ଅଶବ୍ଦ ଆସେ ଶବ୍ଦରେ,
ଜୀବନ ସମସ୍ୟାର ସମାଧାନ
ସବୁ ଶେଷ ହୁଏ ଏପରି
ଗୋଟିଏ ବାକ୍ୟରେ —
"ନ ଜାୟତେ ମ୍ରିୟତେ ବା କଦାଚିତ୍"
ଏବଂ କେତେବେଳେ ଶୁଣେ
ନ ହନ୍ୟତେ ହନ୍ୟମାନେ ଶରୀରେ" ।

## କିଏ ସିଏ ?

କିଏ ମୋତେ ଡାକୁଛି ?
କିଏ ହାତଧରି ଟାଣିନେଉଛି
'ମୋତେ' ମୋ ଆତ୍ମା ଭିତରୁ ?

ମୁଁ ତ ଖୋଜିଛି କେତେ—
କାହାକୁ ଦେଖିନି,
ମୁଁ ତ ଲେଖିଛି କେତେ-
ଉତ୍ତର କାହାଠୁ ପାଇନି,
ତା'ହେଲେ କିଏ ସିଏ ?
ଯିଏ ମୋତେ ଅଦୃଶ୍ୟରେ ନେବାକୁ ଚାହିଁଛି,
ଅଧରାତିରେ ଶେଯରୁ ଉଠାଇ ଦେଉଛି,
ଦର୍ପଣରେ ମୁହଁ ଦେଖୁଥିବାବେଳେ—
ପଛରେ ମୋ ଠିଆ ହୋଇଅଛି,
କିଏ ସିଏ ?

ବେଳେ ବେଳେ
ଛଦ୍ମବେଶରେ ମୋତେ ଭିଡି
ଧରିପକାଇଛି, ମୋ କପାଳକୁ-
ଆଉଁସି ଦେଇଛି,
ସେ ତ ମୋ 'ଈଶ୍ୱର' ନୁହେଁ······(?)
ସେ ପୁଣି କିଏ ?

ଥରକୁ ଥର ଆସି
ମୋ ଜୀବନଯାତ୍ରା ପଥକୁ ଘେରୁଛି·········॥

ସେ ତ 'ଜୀବନ' ନୁହେଁ,
ସେ ତ 'ମଣିଷ' ନୁହେଁ,
ମୋତେ ପୁଣି ଖୋଜିବାକୁ ହେବ···
କିଏ ସିଏ ?
କାହିଁକି ଡାକୁଛି ?

— ୨ —

କିଏ ସେ ଆସୁଛି ?
କିଏ ସିଏ ?
ଧୀରେ ଧୀରେ ପଦଶବ୍ଦ ଶୁଭୁଛି କାହାର ?
ମୁଁ ଏବେ ଚାହୁଁନାହିଁ······
କିଏ ଆସି ମୋତେ ବ୍ୟସ୍ତକରୁ
ଏପରି ଏକାନ୍ତ ମୁହୂର୍ତ୍ତରେ ମୋର ।।

ଆଜି ମୁଁ ଚାହୁଁଛି–
ଗଭୀର ନୀରବରେ
ମୋ ଭିତରେ ମୁଁ ଆତ୍ମସ୍ଥ ହେବାକୁ,
ଚାହୁଁଛି କିପରି ମୁଁ-
ଛାଟିପିଟି ହୋଇ ଉଡ଼ିଯିବି
ଏଠାରୁ ମୁକୁଳି ଦୂର ଆକାଶକୁ,
ଚାହୁଁଛି ମୁଁ–
ସବୁଠାରୁ ଯାହାକୁ
ବେଶୀ ଭଲପାଏ ତା'କୁ ଛୁଇଁବାକୁ,
ଏବଂ ତା' ଭିତରେ ନିଃଶେଷ ହେବାକୁ··· ॥

❋ ❋ ❋